# ଭୟମୁକ୍ତ ପରିବେଶ ହିଁ ଶିଶୁ ଶୋଷଣ ହ୍ରାସ କରିବ

ଭୁବନେଶ୍ୱର, ୨୮/୧୨– ଭୟମୁକ୍ତ ପରିବେଶରେ ଶୋଷଣର ଶିକାର ହେଉଥିବା ଶିଶୁମାନେ ନିଜର ମତ ରଖିଥାନ୍ତି । ଶିଶୁଙ୍କ ପାଇଁ ଏଭଳି ପରିବେଶ ସୃଷ୍ଟି କରାଗଲେ ଶୋଷଣରୁ ସେମାନରୁ ସେମାନଙ୍କୁ ଦୂରେଇ ରଖାଯାଇପାରିବ । ଏଥି ସହ ବିଦ୍ୟାଳୟରେ ଯୌନ ଶିକ୍ଷା ସହିତ ଉଭୟ ବିଦ୍ୟାଳୟ ଓ ପରିବାର ସ୍ତରରେ କାଉନେସେଲିଂ ଆବଶ୍ୟକ । ଶିଶୁଙ୍କ ଯୌନ ଶୋଷଣ ନେଇ ଖୋରଧା ଜିଲ୍ଲାରେ ହୋଇଥିବା ଏକ ସର୍ଭେ ରିପୋର୍ଟ ଉପସ୍ଥାପନ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ବିଶିଷ୍ଟ ବକ୍ତାମାନେ ଏହି ମତ ଦେଇଛନ୍ତି ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ କଲଚରାଲ ସେଣ୍ଟର (ପିକକ) ଓ ଆଡପସନ ସେଣ୍ଟ୍ରମର ମିଳିତ ଉଦ୍ୟମରେ ଶିଶୁମାନଙ୍କ ଯୌନ ଶୋଷଣ ସଂକ୍ରାନ୍ତରେ ଖୋରଧା ଜିଲ୍ଲାରେ କରାଯାଇଥିବା ଏକ ସର୍ଭେ ରିପୋର୍ଟଟି ଆଲୋଚନାଚକ୍ରରେ ଉପସ୍ଥାପିତ ହେବା ସହିତ ଏହାର କାରଣ ଓ ନିରାକରଣ ଦିଗ ଉପରେ ଆଲୋଚନା ହୋଇଥିଲା । ପିକକର ଅଧକ୍ଷା ମିନାକ୍ଷୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପିକ୍‌କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସ୍ୱାଗତ ଅଭିଭାଷଣ ସହିତ ସର୍ଭେ ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଶ୍ରୀମତୀ ମହାନ୍ତି କହିଥିଲେ ଯେ କିଶୋର,କିଶୋରୀ ଓ କମ୍ ବୟସର ମହିଳାଙ୍କୁ ନେଇ ଏହି ସର୍ଭେ ଖୋରଧା ଜିଲ୍ଲାର ହୋଇଥିବାବେଳେ କରୋନା ଲକ୍‌ଡାଉନ୍ ସମୟରେ ଶିଶୁମାନେ ବିଭିନ୍ନ ପ୍ରକାର ଶୋଷଣର ଶିକାର ହୋଇଥିବା ଏଥିରୁ ସୂଚନା ମିଳିଛି । ରିପୋର୍ଟ ଉପସ୍ଥାପନ କରି ଆଡପସନ ସେଣ୍ଟ୍ରମର ନିର୍ଦ୍ଦେଶିକା ରୁବି ରାଉତ କହିଥିଲେ ଯେ ଏହି ସର୍ଭେରୁ ଅନେକ ନୂଆ ତଥ୍ୟ ପଦାକୁ ଆସିଛି । ଝିଅଙ୍କ ଭଳି ପୁଅମାନେ ମଧ୍ୟ ଶୋଷଣର ଶିକାର ହେଉଛନ୍ତି । ତେବେ ଶୋଷଣର ଶିକାର ହେଉଥିବା ଶିଶୁ ଅନେକ କଥା ନିଜ ଲୋକଙ୍କ ଆଗରେ ପ୍ରକାଶ କରିପାରୁ ନାହାନ୍ତି । ଲକ୍ ଡାଉନ୍ ସମୟରେ ପିଲାମାନେ ଅନ୍‌ଲାଇନ୍‌ରେ ଅଧିକ ବ୍ୟସ୍ତ ରହୁଥିବାରୁ ଏଭଳି ଶୋଷଣ ବଢିଯାଇଛି । ଏହାର ନିରାକରଣ ପାଇଁ ଅଭିଭାବକଙ୍କୁ ସଚେତନ କରିବା ସହିତ ଶୋଷଣ ସଂକ୍ରାନ୍ତରେ ପିଲାମାନେ କିଭଳି ନିର୍ଭୟରେ ମତ ରଖିବେ ସେଥିପାଇଁ ପରିବେଶ ସୃଷ୍ଟି କରିବା ଆବଶ୍ୟକ ।

ଓପେସାର ଯୁଗ୍ମ ନିର୍ଦ୍ଦେଶିକା ଅମିତା ପଟ୍ଟନାୟକ କହିଥିଲେ ଯେ କରୋନା ସମୟରେ ଅଧିକରୁ ଅଧିକ ପିଲା ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି । ତେଣୁ ଏହି ସମୟରେ ଶିକ୍ଷକମାନେ ପିଲାଙ୍କ ସହ ନିୟମିତ ଆଲୋଚନା କରିବା ସହିତ ସେମାନଙ୍କର ନିକଟତର ହେବା ଆବଶ୍ୟକ । ପିଲାଙ୍କୁ ଠିକଣା ଭାବେ ବୁଝାଇ ତାର ଆତ୍ମବିଶ୍ୱାସ ବଢାଇବାକୁ ସେ ମତ ଦେଇଥିଲେ । ରାଜ୍ୟ ଶିଶୁ ସୁରକ୍ଷା ସମିତି (ଏସ୍‌ସିପିଏସ୍) ପ୍ରୀତିକାନ୍ତ ପଣ୍ଡା ଶୋଷଣର ଶିକାର ହେଉଥିବା ଶିଶୁଙ୍କୁ ନିଜର ମତ ରଖିବାପାଇଁ ସାହସୀ କରାଇବା ସହିତ ସେମାନଙ୍କୁ ଆଇନ୍‌ଗତ ସହାୟତା ଯୋଗାଇବା ପାଇଁ ଜିଲ୍ଲା ସ୍ତରରେ ଥିବା ସୁବିଧା ସୁଯୋଗ ସଂକ୍ରାନ୍ତରେ ସୂଚନା ଦେଇଥିଲେ । ବିଶେଷକରି କରୋନା ସ୍ଥିତିରେ ଅନ୍‌ଲାଇନ୍ ଅପବ୍ୟବହାରରୁ କିଭଳି ଶିଶୁଙ୍କୁ ଦୂରେଇ ରଖାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର କନ୍‌ସଲଟାଣ୍ଟ ମଧୁମିତା ଦାସ ପୋକ୍‌ସୋ ଆଇନ୍‌ର ବିଭିନ୍ନ ଧାରା ଉପରେ ଆଲୋକପାତ କରିବା ସହିତ ବିଦ୍ୟାଳୟରେ ଯୌନ ଶିକ୍ଷା ଉପରେ ଗୁରତ୍ୱ ଦେଇଥିଲେ । ଏଥି ସହିତ ଘରୁ ସଚେତନତା ଆରମ୍ଭ ସହିତ ଉଭୟ ଶିଶୁ ଓ ଅଭିଭାବକଙ୍କୁ ସଚେତନ କରିବାପାଇଁ ସେ ମତ ରଖିଥିଲେ । ଭୁବନେଶ୍ୱର କୋର୍ଟର ବରିଷ୍ଠ ଆଇନ୍‌ଜୀବୀ ବିଶେଶ୍ୱରୀ ମହାନ୍ତି ଆଲୋଚନାଚକ୍ରରେ ଭାଗ ନେଇ ଶୋଷଣର ଶିକାର ହେଉଥିବା ଶିଶୁଙ୍କୁ ସହାୟତା ଓ ଦୋଷୀକୁ କିଭଳି ଦଣ୍ଡ ଦିଆଯାଇ ପାରିବ ତାହା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।